## ଅଷ୍ଟଶମ୍ଭୁ ମହାମିଳନ ପାଇଁ ପ୍ରସ୍ତୁତି ବୈଠକ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ଏପ୍ରିଲ ମାସରେ ଗଞ୍ଜାମ ପ୍ରସିଦ୍ଧ ଦଣ୍ଡ ଯାତ୍ରା ଅବସରରେ ଗୋବରାରେ ଅନୁଷ୍ଠିତ ହେବ ଅଷ୍ଟଶମ୍ଭୁ ମହାମିଳନ। ଏହିପ୍ରିପ୍ରେକ୍ଷୀରେ ଶନିବାର ଏକ ପ୍ରସ୍ତୁତି ବୈଠକ ଗୋବରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ କମିଟି ସଦସ୍ୟ, ଗୋବରା ନିବାସୀ, ବ୍ୟବସାୟୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ବୈଠକରେ ୨୦୦୩ ଏବଂ ୨୦୧୩ରେ ଅନୁଷ୍ଠିତ ପଞ୍ଚୁ ଦଣ୍ଡ ମହା ମିଳନର ବ୍ୟୟ ଅଟକଳ ଏବଂ ବଳକା ଜମା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଅଷ୍ଟଶମ୍ଭୁ ମହାମିଳନ କାର୍ଯ୍ୟ ତଦାରଖ ପାଇଁ ଏକ ପାଞ୍ଚ ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ବେଳେ ଆସନ୍ତା ୧୪ ଜାନୁଆରୀ ସଂକ୍ରାନ୍ତି ତିଥିରେ ଅନ୍ୟ ଏକ ବୈଠକ ଆୟୋଜନ କରାଯାଇ ଏକ ପୂର୍ଣ୍ଣାଙ୍ଗ କମିଟି ଚୟନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।



## ସଂକ୍ଷେପରେ

### ଜଳିଗଲା ଘରୋଇ ବସ୍ କ୍ରିଷ୍ଟା

ବାଲିଗୁଡ଼ା,୨୧।୧୨(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ମେଡିକାଲ ସମ୍ମୁଖ ଗଳି ନିକଟରେ ଶନିବାର ଘରୋଇ ବସ୍ କ୍ରିଷ୍ଟା ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍‌ଟିର ଅଧିକାଂଶ ଭାଗ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ୪ ମାସ ହେଲା ଏହି ବସ୍ କ୍ରିଷ୍ଟା (ନଂ. ଓଆର-୧୮-ବି-୧୦୩୪) ଧାର୍ଯ୍ୟ ରୁଟ୍‌ରେ ନ ଯାଇ ପଣସପଡ଼ି ଯିବା ରାସ୍ତା କଡ଼ରେ ଠିଆ ହୋଇ ରହିଥିଲା। ତେବେ ବସ୍‌ରେ କିଭଳି ନିଆଁ ଲାଗିଲା ସେନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ବସ୍‌ରେ କେଉଁ କାରଣରୁ ନିଆଁ ଲାଗିଲା ସେନେଇ ବାଲିଗୁଡ଼ା ପୋଲିସ୍ ତଦନ୍ତ ଆରମ୍ଭ କରିଛି।

### କୁଳ ମୁଖିଆଙ୍କ ପରଲୋକ

ଦିଗପହଣ୍ଡି/ପାଟପୁର,୨୧।୧୨(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ) ଗଞ୍ଜାମ ଜିଲା ସାନଖେମୁଣ୍ଡି ତାଲୁକା ଭଣ୍ଡାରି କୁଳ ସମାଜର ପୂର୍ବତନ ସଭାପତି ଜଗନ୍ନାଥ ଡାକୁଆଙ୍କ ପରଲୋକ ଘଟିଛି। ସାନଖେମୁଣ୍ଡି ବ୍ଲକ ଆମ୍ବଗାଁ ବାସିନ୍ଦା ଜଗନ୍ନାଥ ଦୀର୍ଘ ୩୦ ବର୍ଷ ଧରି ବଡ଼ଖେମୁଣ୍ଡି ଏବଂ ସାନଖେମୁଣ୍ଡି ଭଣ୍ଡାରି କୁଳ ସମାଜର କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଉଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ଓ ଝିଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ସାନଖେମୁଣ୍ଡି ତାଲୁକା ଭଣ୍ଡାରି କୁଳ ସମାଜର ସଭାପତି କୃଷ୍ଣ ଡାକୁଆ ଏବଂ ବଡ଼ଖେମୁଣ୍ଡି ତାଲୁକାର କାର୍ଯ୍ୟକର୍ତ୍ତା କୁରେଶୁ ଡାକୁଆ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ମୁଣ୍ଡମରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଧରାକୋଟ,୨୧।୧୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ) ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କୋଠରି ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ଆସିଥିବା ବେଳେ ବିଦ୍ୟାଳୟ ଖେଳ ପଡ଼ିଆରେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଉପସ୍ଥିତ ରହି କ୍ରୀଡ଼ା ଜ୍ୟୋତିକୁ ଗ୍ରହଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ଦିଗମ୍ବର ବିଶୋଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଆୟୋଜିତ ଖେଳ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଯୁକ୍ତ ୨ ଶିକ୍ଷା ପରିଷଦର ବାଳିକା ବିଭାଗରେ ଭାଗ ନେଇଥିବା ଛାତ୍ରୀ ଚାନ୍ଦିନୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ପାଣ୍ଡବ ସ୍ୱାଇଁ, ଅନିଲ ନାୟକ, ମଗୁଲୁ ଜେନା, ଶିବରାମ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ବେହେରା ଓ ପୂର୍ବତନ କ୍ରୀଡ଼ାବିତ ବସନ୍ତ ନାୟକ, ମହେଶ ସାହୁ, ଅକ୍ଷୟ କୁମାର, ସୁଶାନ୍ତ କୁମାରଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ ; ଜଣେ ମୃତ, ୨ ଗୁରୁତର

ଦାରିଙ୍ଗବାଡ଼ି, ୨୧।୧୨ (ଅରୁଣ ସାହୁ) ଦାରିଙ୍ଗବାଡ଼ି ଥାନା ୫୯ ନଂ. ଜାତୀୟ ରାଜପଥର ଡାବୁଲୁମାହାଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣ ଗୁରୁତରଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଜଣେ ସୁସ୍ଥ ଅଛନ୍ତି। ବାଇକ୍ ନଂ (ଓଡି ୧୨ ଇ-୬୪୮୬ ସିମନବାଡ଼ି ଅଞ୍ଚଳରୁ ନିଜ ଗ୍ରାମ ସୁଲୁମାହା ଗ୍ରାମକୁ ଫେରୁଥିବା ବେଳେ ଦାରିଙ୍ଗବାଡ଼ିରୁ ସିମନବାଡ଼ି ଅଭିମୁଖେ ବୁଲେଟ୍ ନଂ. (ଓଡି ୦୭ଏସି-୭୫୭୬) ଯାଉଥିଲା। ଉକ୍ତ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ସୁଲୁମାହା ଗ୍ରାମର ଜଣେ ନାବାଳକ ଛାତ୍ର ଯାକ୍ୟୁସ ପ୍ରଧାନଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ଦାରିଙ୍ଗବାଡ଼ି ଆଇଆଇସି ଅଶୋକ ହାଁସଦା ପହଞ୍ଚି ମୃତଦେହ ଜବତ ଓ ୨ ବାଇକ୍ ଜବତ କରିଛନ୍ତି।

### ବଡ଼ଦିନ ପାଇଁ ଭାଇଚାରାର ବାର୍ତ୍ତା ଦେଲା ଯୁବସଂଘ

ବ୍ରାହ୍ମଣୀଗାଁ,୨୧।୧୨ (ମନୋରଞ୍ଜନ ରଣା) କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳରେ ବଡ଼ଦିନ ପାଳନ ପାଇଁ ଉତ୍ସବ ମୁଖର ହୋଇଛି। ଏହି ପର୍ବ ପାଳନ ପାଇଁ ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଉଛି। ଯୁବସଂଘ ପକ୍ଷରୁ ମଧ୍ୟ ଘରକୁ ଘର ବୁଲି ଶାନ୍ତି ଶୃଙ୍ଖଳାର ସହ ଏହି ପର୍ବ ପାଳନ ପାଇଁ କୁହାଯାଉଛି। ସଂଘ ସଭାପତି ତରୁଣ ନାୟକଙ୍କ ନେତୃତ୍ୱରେ ସବୁ ୟୁଥ୍ ମାସ୍ ଏକଠି ହୋଇ ବାର୍ତ୍ତା ବାଣ୍ଟୁଛନ୍ତି।

# ଏଫ୍‌ଏକ୍ୟୁ ମାନ ଉଚ୍ଛେଦ, ଟୋକନ ଅବଧି ବଢ଼ାଇବାକୁ ଦାବି

## ଖରିଫ ଧାନକ୍ରୟ ନିମନ୍ତେ ପ୍ରସ୍ତୁତି ବୈଠକ

ଛତ୍ରପୁର,୨୧।୧୨(ଦିଲୀପ ସାମଲ):

ଛତ୍ରପୁର ବ୍ଲକସ୍ତରୀୟ ଖରିଫ ଧାନ ୨୦୨୪-୨୫ କ୍ରୟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଦିନିଆ ଲଗାଣ ବର୍ଷା ଯୋଗୁ ଫସଲ ବ୍ୟାପକ ନଷ୍ଟ ହେବା ସମ୍ଭାବନା ରହିଛି। ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଚଳିତ ବର୍ଷ କିପରି ଧାନର ଏଫଏକ୍ୟୁ ମାନକୁ କୋହଳ କରିବା କିମ୍ବା ଉଚ୍ଛେଦ କରିବା, ଟୋକନର ଅବଧି ବଢ଼ାଇବା ଏବଂ ଚାଷୀଙ୍କୁ ଅଖା ଟଙ୍କା କିମ୍ବା ଅଖା ଫେରାଇବାକୁ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ, ମାଗୁଣି ବିଷୋୟୀ, କିଶୋର ବେହେରା, ରାଜେନ୍ଦ୍ର ନାହାକ, ଏନ. ମୁନପାତ୍ର, ଜିଲା ପରିଷଦ ସଭ୍ୟା ରଶ୍ମିତା ନାହାକଙ୍କ ସମେତ ବହୁ ଚାଷୀ ବୈଠକରେ ଦାବିଉଠାଇବା ସହିତ ଛତ୍ରପୁର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଚାଷୀ କୁଳର ହିତ ନିମନ୍ତେ ବିଭିନ୍ନ ବିଷୟରେ ଆଲୋକପାତ କରିବା ସହିତ ଏ ସମସ୍ତ ବିଷୟ ନେଇ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ବୈଠକରେ କହିଛନ୍ତି। ଆସନ୍ତା ୨୩ ତାରିଖରୁ ପର୍ଯ୍ୟାୟ କ୍ରମେ ୬୬୧୩ ପଞ୍ଜିକୃତ ଚାଷୀଙ୍କଠାରୁ ୨୨ଟି ମଣ୍ଡି ମାଧ୍ୟମରେ ୨ଲକ୍ଷ ୫୦ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣାଯିବାକୁ ,କ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଗତବର୍ଷ ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନ ଘଟିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ନୂତନ ଭାବେ ମଣ୍ଡିରେ ନୋଡାଲ ଅଫିସର ଓ ସୁପରଭାଇଜରମାନେ ରହିବେ। ବ୍ଲକ ନୋଡାଲ ଅଫିର ଭାବେ ତହସିଲଦାର ଦାୟିତ୍ୱରେ ଅଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ଏସ ଶାରଦା ରେଡ୍ଡୀ, ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ସ୍ମୃତି ସୁଦର୍ଶନ ସାହୁ, ଭାରପ୍ରାପ୍ତ ବିଡ଼ିଓ ଜୟଶ୍ରୀ ନାୟକ, ସହକାରୀ ଯୋଗାଣ ଅଧିକାରୀ ନରସିଂହ ପଣ୍ଡାଙ୍କ ସମେତ ସେବା ସମବାୟ ସମିତିର ସମ୍ପାଦକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଲର ଓ ମଣ୍ଡି ନୋଡାଲ ଅଫିସରମାନେ ଉପସ୍ଥିତ ଥିଲେ।

## ମନ୍ଦିରରୁ ଚୋରି ଘଟଣା

# ମାଷ୍ଟରମାଇଣ୍ଡ ସମେତ ୩ ଗିରଫ



ଗିରଫ ଅଭିଯୁକ୍ତ ସହ ଜବତ ସାମଗ୍ରୀ

ଗଞ୍ଜାମ,୨୧।୧୨(ବିଦ୍ୟାଧର ସାହୁ) କିଛି ମାସ ତଳେ ରମ୍ଭା ଓ ଗଞ୍ଜାମ ଅଞ୍ଚଳର ଶିବ ମନ୍ଦିରଗୁଡ଼ିକରୁ ଲୁଟ ଘଟଣାରେ ପୋଲିସକୁ ମିଳିଛି ବଡ଼ ସଫଳତା। ଚୋରି ଘଟଣାର ମାଷ୍ଟର ମାଇଣ୍ଡ ସମେତ ୩ଜଣ ଲୁଟେରାଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିଆ ସୂଚନା ଦେଇଛନ୍ତି। ସେମାନେ ହେଲେ ରମ୍ଭା ଥାନା ଲାଉପୁଟ ଗ୍ରାମର ଭାସ୍କର ପ୍ରଧାନ (ରାଜୁ ), ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଅଞ୍ଚଳର ଏସ୍ ବାବୁଲା ଏବଂ ମଲାଡ ଗୋଡ଼ିବନ୍ଧର ଏ.ରାମଚନ୍ଦ୍ର। ଲୁଟରେ ବ୍ୟବହୃତ ଲୁହା ରଡ, ହାମର ଓ ୧୨୫୦ ଟଙ୍କା ଜବତ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ସାବୁଳିଆ ଶିବ ମନ୍ଦିର, ସନ୍ତୋଷପୁର ସତ୍ୟସାଇ ମନ୍ଦିର, ଶତ୍ରୁଖୋଲ ମୁକ୍ତେଶ୍ୱର ମନ୍ଦିର, କଣ୍ଟିଆଗଡ ବଟେଶ୍ୱର ମନ୍ଦିର, ସାତୁଳୀ ମକରେଶ୍ୱର ମନ୍ଦିର, ବୋରିଗାଁ ଝାଡ଼େଶ୍ୱର ମନ୍ଦିର, ଦାମୋଦରପୁର ଆଖଣ୍ଡଳମଣି ମନ୍ଦିର ଏବଂ ମଲାଡ଼ର ଏକ ଗ୍ରୋସରୀ ଦୋକାନରୁ ଚୋରି କରିଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ ଚାରି ପାଞ୍ଚ ଦିନ ପୂର୍ବରୁ ମାଷ୍ଟର ମାଇଣ୍ଡ ପୋଲିସ ହାତରେ ଧରା ପଡ଼ିଥିଲେ। ଛତ୍ରପୁର ଏସ୍‌ଡିପିଓ ଗୌରହରୀ ସାହୁଙ୍କ ନେତୃତ୍ୱରେ ରମ୍ଭା ଗଞ୍ଜାମ ଥାନା ପୋଲିସ ମାଷ୍ଟର ତାଙ୍କୁ ଘନ ଘନ ଜେରା କରୁଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ

ଗୋପାଳପୁର,୨୧।୧୨(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ବିକ୍ରମପୁରଠାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଶନିବାର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କରାପୁଳୀ ସରପଞ୍ଚ ମେନେକା ରେଡି ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଶତପଥୀ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଂଗୀତ, ସାମାଜିକ ସଚେତନତା, ଚିତ୍ରାଙ୍କନ, ନାଟକ ଓ ଅନ୍ୟାନ୍ୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀର ୧୦ ଜଣ ଓ ଯୁକ୍ତ ୨ର ୪ ଜଣ ୯୦ ଶତକଡା ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ରାଜ୍ୟ ଓ ଜିଲା ସ୍ତରରେ ଉତ୍ତମ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବା ୧୫ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ୱେଟ ଲିଫ୍ଟରେ ସ୍ୱର୍ଣ୍ଣ ପାଇଥିବା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ରାଜ କୁମାର ବେହେରାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଅଧ୍ୟକ୍ଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ରଙ୍ଗେଇଲୁଣ୍ଡା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ଅତିଥି ଓ ଅନ୍ୟମାନେ ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)–** ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଉତ୍କର୍ଷ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି, ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ କ୍ଷତ୍ରିୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ, ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ, ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ମହନ୍ତ ମହାରାଜ ରାମକୃଷ୍ଣ ଦାସ, ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଡିଗ୍ରୀ କଲେଜ୍ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ସାମଲ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

# ଋଣ ନ ଶୁଝିବାରୁ ଘର ସିଲ୍ କଲା ବ୍ୟାଙ୍କ

ହିଞ୍ଜିଳିକାଟୁ,୨୧।୧୨(ଦ୍ୱିତୀକୃଷ୍ଣ ପଣ୍ଡା):

ଋଣ ନ ଶୁଝିବାରୁ ହିଞ୍ଜିଳି ଥାନା ସାରୁ ଗ୍ରାମରେ ଜଣଙ୍କ ଘରକୁ ବ୍ୟାଙ୍କ ପକ୍ଷରୁ ଶନିବାର ସିଲ୍ କରାଯାଇଛି। ଗ୍ରାମର କୃଷ୍ଣଚନ୍ଦ୍ର ପାଢୀ ୨୦୨୦ରେ ବ୍ରହ୍ମପୁର ବ୍ରହ୍ମାନଗର ଏସ୍‌ବିଆଇ ଆଞ୍ଚଳିକ ଶାଖାରେ ଘର ବନ୍ଧକ ଋଣ ଆଣିଥିଲେ। ବ୍ୟାଙ୍କର ବାରମ୍ବାର ସୂଚନା ସତ୍ତ୍ୱେ ଦୀର୍ଘଦିନ ହେଲା ସେ ଋଣ ଟଙ୍କା ଶୁଝି ନ ଥିଲେ। ଚୁକ୍ତିନାମା ଅନୁଯାୟୀ ଋଣ ଶୁଝି ନ ପାରିବା ଫଳରେ ବ୍ୟାଙ୍କ ପକ୍ଷରୁ ୨୦୨୩ ମେ ୧୧ ତାରିଖରେ କୃଷ୍ଣଚନ୍ଦ୍ରଙ୍କୁ ୧୮ ଲକ୍ଷ ୯୧ ହଜାର ୯୮ ଟଙ୍କା ପରିଶୋଧ କରିବା ପାଇଁ ନୋଟିସ ପଠାଯାଇଥିଲା। କିନ୍ତୁ ସେ ଟଙ୍କା ଶୁଝି ନ ପାରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଗଞ୍ଜାମ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ଆଦେଶ ପ୍ରକାରେ ସଂପୃକ୍ତ ଋଣ ଖିଲାପକାରୀଙ୍କ ସାରୁ ଗ୍ରାମସ୍ଥିତ ବାସଗୃହ ଜବତ କରିବା ପାଇଁ ପଦକ୍ଷେପ ନେଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ପୋଲିସ ଓ ବ୍ୟାଙ୍କ ଏନଫୋର୍ସମେଣ୍ଟ ଟିମ ମୁଖ୍ୟ ତଥା ମୁଖ୍ୟ ଶାଖା ପରିଚାଳକ ଶୁଭେନ୍ଦୁ ଶଙ୍କର ଜେନା, ସାରୁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଭୁବନ କୁମାର, ହିଞ୍ଜିଳି ଥାନା ଏସଆଇ ସୁରେଶ କୁମାର ସାହୁ ପ୍ରମୁଖଙ୍କ ସହ ଏନଫୋର୍ସମେଣ୍ଟ ଟିମ ଘରକୁ ସିଲ କରିଛନ୍ତି।

# ବଢୁଛି ଟ୍ରାଫିକ୍ ସମସ୍ୟା, ହମ୍ପ୍‌ସ ନିର୍ମାଣ ଦାବି

ଦାରିଙ୍ଗବାଡ଼ି, ୨୧।୧୨ (ଅରୁଣ ସାହୁ) ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଏବେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଦୈନିକ ଶହ ଶହ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସୁଛନ୍ତି। ତେବେ କଫି ବଗିଚା ନିକଟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଥିବା ବେଳେ ସେହି ରାସ୍ତାରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାତାୟାତ କରୁଛନ୍ତି। ଉକ୍ତ ରାସ୍ତାରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଥିବା ବେଳେ ରୋଡ୍ ରୋମିୟଙ୍କ ଉପଦ୍ରବ ଯୋଗୁ ଛାତ୍ରୀଛାତ୍ରଙ୍କ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଆଦର୍ଶ ବିଦ୍ୟାଳୟରୁ ଛାତ୍ରୀଛାତ୍ର ମାନେ ପୂର୍ତ୍ତ ବିଭାଗ ରାସ୍ତାକୁ ବିପଦ ପୂର୍ଣ୍ଣ ଭାବେ ବାହାରୁଛନ୍ତି। ତେଣୁ ପୂର୍ତ୍ତ ବିଭାଗର ଉକ୍ତ ରାସ୍ତାର ଆଦର୍ଶ ବିଦ୍ୟାଳୟ ଛକରେ ହମ୍ପ୍‌ସ ନିର୍ମାଣ ପାଇଁ ବାଲିଗୁଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରାଙ୍କୁ ଅଭିଭାବକମାନେ ଶୁକ୍ରବାର ଲିଖିତ ନିବେଦନ କରିଛନ୍ତି। ସେ ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଦାରିଙ୍ଗବାଡ଼ିଠାରୁ ବ୍ରାହ୍ମଣୀଗାଁ, ଗଜପତି ଦେଇ ବ୍ରହ୍ମପୁରକୁ ଉକ୍ତ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ଦାରିଙ୍ଗବାଡ଼ିର କଫି ବଗିଚା ସମେତ ଡୁଲୁରୀ ପାଇନବଣ, ମିଡିୟାନ୍ଦା ଜଳପ୍ରପାତ, ରଶ୍ମିମାଳ ପାହାଡ଼, ଯୋଗୀମଠ ଆଦି ପର୍ଯ୍ୟଟନ କ୍ଷେତ୍ର ରହିଥିବା ବେଳେ ଦୈନିକ ଶହ ଶହ ଗାଡ଼ି, ଯାତ୍ରୀବାହୀ ବସ୍, ଅଟୋ, କାର ଆଦି ଚଳାଚଳ କରୁଛି।



# ବଡ଼ଦିନ ପାଳନ ନେଇ ଶାନ୍ତି କମିଟି ବୈଠକ

ଖଜୁରିପଡ଼ା,୨୧।୧୨ (ବିଦୁର ବେହେରା)

ଖଜୁରୀପଡ଼ା ଅଞ୍ଚଳରେ ଶାନ୍ତି ଶୃଙ୍ଖଳାର ସହ ବଡଦିନ ପାଳନ ପାଇଁ ତହସିଲଦାର ତଥା ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଶନିବାର ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଚାପଧାରୀ ପ୍ରଧାନ, ସିଡିପିଓ କ୍ରିଷ୍ଣା କୁମାରୀ ବେହେରା, ଅଧ୍ୟକ୍ଷା ଅନିମା କହଁର, ଏସ୍‌ଡିପିଓ ସୁବ୍ରତ ବେହେରା,ଉଦ୍ଧବ ଦିଗାଲ,ଖଜୁରୀପଡ଼ା ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ,ପୀତାମ୍ବର ସାହୁ, ଗୌତମ ପ୍ରଧାନ, ବିବେକା ନନ୍ଦ ବେହେରା, ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ନିରାକାର ସେଠୀ, ମନୋଜ ପଣ୍ଡା, ପୁରନ୍ଦର ବେହେରା, ଗଜପତି ଦିଗାଲ, ବିଦୁର ବେହେରା, ଗୌର ଚରଣ ବେହେରା ଯୋଗ ଦେଇ ଶାନ୍ତି ଶୃଙ୍ଖଳାର ସହ ବଡଦିନ ପାଳନ ପାଇଁ ଜନସାଧାରଣ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଦେଖାଦେଲେ ପୋଲିସକୁ ଖବର ଦେବାକୁ ଥାନା ଅଧିକାରୀ କହିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ସାହୁ ବୈଠକ ପରିଚାଳନା କରିଥିଲେ।

# ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ବୁଲି ଦେଖିଲେ

## ଚମାଖଣ୍ଡିରେ ୫ ରାଜ୍ୟର ପ୍ରତିନିଧି ଦଳ



ଛତ୍ରପୁର,୨୧।୧୨(ସନ୍ତୋଷ ପାଢୀ/ଦିଲିପ ସାମଲ): ଗଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଚମାଖଣ୍ଡି ପଞ୍ଚାୟତରେ ଥିବା ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି)କୁ ଶନିବାର ୫ ରାଜ୍ୟର ପ୍ରତିନିଧି ଦଳ ପରିଦର୍ଶନ କରଛନ୍ତି। ଗୁଜୁରାଟ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାର ଓ ମଧ୍ୟପ୍ରଦେଶ ରାଜ୍ୟର ପ୍ରତିନିଧି ଦଳ ଉକ୍ତ ସେଣ୍ଟର ପରିଦର୍ଶନ କରିବା ସହ ମହିଳା ସଂଘର ସଦସ୍ୟା, ଜିଲା ଓ ବ୍ଲକ ସ୍ତରର ଅଧିକାରୀ ମାନଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଛନ୍ତି। ସହରାଞ୍ଚଳ ଭଳି ଉକ୍ତ ପଞ୍ଚାୟତରେ ଘର ଘରକୁ ଯାଇ ବ୍ୟାଟେରୀଚାଳିତ ଯାନରେ ମହିଳା ସଂଘର ସଦସ୍ୟାମାନେ ଅଳିଆ ସଂଗ୍ରହ କରି ଉକ୍ତ ଏମସିସିକୁ ଆଣୁଛନ୍ତି। ଏଠାରେ ଏହାକୁ ଅଲଗା କରି ମହିଳା ସଂଘର ସଦସ୍ୟାମାନଙ୍କ ଦ୍ୱାରା ଖତ ପ୍ରସ୍ତୁତ କରାଯାଉଛି । ସୂଚନାଯୋଗ୍ୟ, ଚମାଖଣ୍ଡି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଗଞ୍ଜାମ ଜିଲାର ଛତ୍ରପୁର ବ୍ଲକ ଦେଶରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ଗତ ସପ୍ତାହରେ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କୃତ ହୋଇଥିଲା ।

# ମହାବିଦ୍ୟାଳୟ ପରିଦର୍ଶନ କଲେ ନାକ୍ ଟିମ୍

ଗଞ୍ଜାମ,୨୧।୧୨(ବିଦ୍ୟାଧର ସାହୁ ) ଗଞ୍ଜାମ ମହାବିଦ୍ୟାଳୟକୁ ପରିଦର୍ଶନରେ ଆସିଥିବା ତିନି ଜଣିଆ ନାକ୍ ଟିମ୍ ସେମାନଙ୍କ ପରିଦର୍ଶନ ସାରି ଫେରିଛନ୍ତି। ଟିମ୍ ଦୁଇ ଦିନ ଧରି ମହାବିଦ୍ୟାଳୟ କ୍ୟାମ୍ପସର ଭିତ୍ତିଭୂମି ଯାଞ୍ଚ କରି ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ମହାବିଦ୍ୟାଳୟର ଉନ୍ନତି ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଏହି ମହାବିଦ୍ୟାଳୟ ହାସଲ କରିଥିବା ଅନୁଧ୍ୟାନ ବେଳେ ନାକ୍ ଟିମ୍ ହୃଦବୋଧ କରିଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ତିନିଜଣିଆ ପ୍ରତିନିଧି ଦଳରେ ପ୍ରଫେସର୍ ରମେଶ ପାଣ୍ଡେ, ପ୍ରଫେସର ମିନାଲକାନ୍ତି ଦୁତ୍ତା, ପ୍ରଫେସର୍ ବିକାଶ ପିଶୁର୍ଲେକର ଥିଲେ। ସେମାନେ ମହାବିଦ୍ୟାଳୟର ଏକାଡେମିକ, ଆଡମିନିଷ୍ଟ୍ରେସନ ଭିତ୍ତିଭୂମି ଯାଞ୍ଚ କରିବା କରି ପାଠପଢା ଅନୁଧ୍ୟାନ ସହ ଅଧ୍ୟକ୍ଷ, ପରୀକ୍ଷା ନିୟନ୍ତ୍ରକ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସହିତ ଟିମ୍ ମହାବିଦ୍ୟାଳୟ ଉନ୍ନତିକରଣ ଲାଗି କାର୍ଯ୍ୟ ଖସଡ଼ା, ଆଗାମୀ ଦିନ ପାଇଁ କଣ ସବୁ ଯୋଜନା ରହିଛି ଆଲୋଚନା କରିଥିଲେ। ଅଧ୍ୟକ୍ଷ ସୀମାଞ୍ଚଳ ଭୋଳ, ନାକ୍ ସଂଯୋଜକ ଅମର ପ୍ରସାଦ ବିଶୋୟୀ, ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା ନାକ୍ ଟିମ୍‌କୁ ସମସ୍ତ ବିଷୟ ଅବଗତ କରାଇଥିଲେ।

# ଆଞ୍ଚଳିକ ଭୂତଳଜଳ ସମସ୍ୟା, ପରିଚାଳନା ପ୍ରଶିକ୍ଷଣ

ପାରଳାଖେମୁଣ୍ଡି,୨୧।୧୨(ଗିରିଧାରୀ ପରିଛା)

ଜିଲାସ୍ତରୀୟ ଆଞ୍ଚଳିକ ଭୂଜଳ ସମସ୍ୟା ଏବଂ ଭୂତଳ ଜଳ ପରିଚାଳନା ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି, ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ରାଜ କିଶୋର ମହାନ୍ତି ଓ କେନ୍ଦ୍ରୀୟ ଭୂମି ଜଳ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ ପୂର୍ବ ବେରା, କେନ୍ଦ୍ରୀୟ ଭୂମି ଜଳ ବୋର୍ଡ଼ର କେ.କର୍ଣ୍ଣାକର, ଜୀବିକା ମିଶନ ପରିଚାଳକ ବିଦ୍ୟା ସାଗର ମୁଦୁଲି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲାର ପଞ୍ଚାୟତଗୁଡ଼ିକ ଜଳ ଜୀବନ ଅଭିଯାନର ନେତୃତ୍ୱ ନେଇ ନିଜ ଗ୍ରାମକୁ ସ୍ୱଚ୍ଛ ରଖିବା ଏବଂ ପର୍ଯ୍ୟାପ୍ତ ଜଳ ସାଇତି ରଖିବା ନେଇ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସହକାରୀ ଯନ୍ତ୍ରୀମାନଙ୍କୁ ଏନେଇ ତାଲିମ ପ୍ରଦାନ କରାଯାଇଥିଲା।

# ଧାର୍ମିକ ନେତାଙ୍କୁ ନେଇ ସଚେତନତା ବୈଠକ

ଦାରିଙ୍ଗବାଡ଼ି, ୨୧।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଧାର୍ମିକ ନେତାଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ପ୍ରେମ ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ସୁଧୀର ଦିଗାଲ ପରିଚାଳନା କରିଥିଲେ। ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଯୋଗଦେଇ ବାଲ୍ୟ ବିବାହ ରୋକିବା ସହ ଶିଶୁ ଶ୍ରମିକ, ନାରୀ ହିଂସା ଆଦି ରୋକିବାକୁ ସଚେତନ କରିଥିଲେ। ଅଞ୍ଚଳରେ ବିଭିନ୍ନ ଧର୍ମର ନେତାମାନେ ଏହାକୁ ରୋକିବା ଦିଗରେ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଥିଲେ। ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ମଧ୍ୟ କିଶୋରୀ, କିଶୋର ଏବଂ ଶିଶୁମାନଙ୍କ ପାଇଁ ଥିବା ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ। ପାଳକ ସଂଘ ସଭାପତି ସୁନୀଲ ପ୍ରଧାନ,ଏବିଇଓ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଜାଗୃତି, ପ୍ରେମ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

## ଯାନ୍ତ୍ରିକ, ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନରେ ଉନ୍ନତି ଲକ୍ଷ୍ୟରେ ହୋଇଥିଲା

ପାରଳାଖେମୁଣ୍ଡି,୨୧।୧୨(ଗିରିଧାରୀ ପରିଛା) ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟରେ ଯାନ୍ତ୍ରିକ, ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନରେ ଉନ୍ନତିକୁ ଆଣିବା ଉଦ୍ଦେଶ୍ୟରେ ଗତ ତିନି ଦିନ ଧରି ଚାଲିଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସଙ୍କେତ ପ୍ରକ୍ରିୟାକରଣ, ଯୋଗାଯୋଗ, ଶକ୍ତି ଏବଂ ଏମ୍ବେଡେଡ ସିଷ୍ଟମ (ଏସ୍‌ସିଓପିଇଏସ୍-୨୦୨୪) ଉପରେ ଏହି ସମ୍ମିଳନୀ ଚାଲିଥିଲା। ସମ୍ମିଳନୀର ଶେଷ ଦିବସରେ ବିଶିଷ୍ଟ ବ୍ୟକ୍ତି, ବିଦ୍ୱାନ ଏବଂ ଅଂଶଗ୍ରହଣକାରୀମାନେ ସମ୍ମିଳନୀର ସଫଳତା ଏବଂ ମାଇଲଖୁଣ୍ଟ ଉପରେ ମତ ରଖିଥିଲେ। ପ୍ରଫେସର ଅଶୋକ ମିଶ୍ର ସମ୍ମିଳନୀ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିଥିଲେ। ସମ୍ମିଳନୀରେ ୬୩୨ଟି ପେପର ଗ୍ରହଣ କରାଯାଇଥିବାବେଳେ ୨୩୯ଟି ଉପସ୍ଥାପିତ ହୋଇଥିଲା। ବିଭିନ୍ନ କ୍ଷେତ୍ର ଏବଂ ପୃଷ୍ଠଭୂମିରୁ ୩୦୦ରୁ ଅଧିକ ଅଂଶଗ୍ରହଣକାରୀ ସମ୍ମିଳନୀରେ ସାମିଲ ହୋଇଥିଲେ। ବୈଷୟିକ ଉପସ୍ଥାପନା ଏବଂ ସାଂସ୍କୃତିକ ଆଦାନ ପ୍ରଦାନର ସଫଳତା ଉପରେ ଆଲୋକପାତ କରାଯାଇଥିଲା। ଆୟୋଜକ ଅଧ୍ୟକ୍ଷ ପ୍ରଫେସର ଡିକେ ସାହୁ ବିଦାୟୀ ଅଭିଭାଷଣ ଦେଇ ନବସୃଜନଙ୍କୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃଶାଖାଗତ ସହଯୋଗକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ରୂପେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ ହାଇଦ୍ରାବାଦର ନିର୍ଦ୍ଦେଶକ ଡକ୍ଟର ଜଗନ୍ନାଥ ନାୟକ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନଙ୍କ ଉପରେ ନିଜ ଅନ୍ତର୍ଦୃଷ୍ଟି ରଖି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଭାରତର ନେତୃତ୍ୱକୁ ଆଲୋକପାତ କରିଥିଲେ। ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ମୁକ୍ତିକାନ୍ତ ମିଶ୍ର ଏବଂ ଉପ କୁଳପତି ପ୍ରଫେସର ବିଶ୍ୱଜିତ ମିଶ୍ର ଗବେଷଣା ଏବଂ ଶିକ୍ଷାର ଭବିଷ୍ୟତ ପାଇଁ ସେମାନଙ୍କ ଦୃଷ୍ଟିକୋଣ ରଖିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ବକ୍ତା ରୂପେ ଡକ୍ଟର ପିଏସ୍ ଆର. ଶ୍ରୀନିବାସ ଶାସ୍ତ୍ରୀ, ଡକ୍ଟର ରାଫାଏଲ ସୁଡେରି, ଡ. ନାଇମ ହାସୁନ, ଟାସଫ୍ଟ ସିଷ୍ଟମ ଇଣ୍ଡିଆର ନିର୍ଦ୍ଦେଶିକା ସୁଶ୍ରୀ ରେଣୁକା ଶ୍ରୀନିବାସ, ଆଇଆଇଟି ଭୁବନେଶ୍ୱରର ପୂର୍ବତନ ଉପନିର୍ଦ୍ଦେଶକ ପ୍ରଫେସର ଡ. ଗଣପତି ପଣ୍ଡା, ମାଇକ୍ରୋସଫ୍ଟ କର୍ପୋରେଶନର ମୁଖ୍ୟ ପରିଚାଳକ ସୁନିଲ ସାବତ, ହାଇଦ୍ରାବାଦସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନର ନିର୍ଦ୍ଦେଶକ ଡକ୍ଟର ଜଗନ୍ନାଥ ନାୟକ, ମାର୍କି ସେମି କଣ୍ଡକ୍ଟରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସମ୍ମିଳନୀର ପ୍ରଥମ ଦିବସରେ ପ୍ରାଧାପକ ଡି.କେ ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତି ଏବଂ ଗବେଷଣା ସହଯୋଗ ପାଇଁ ଏହାର ଗୁରୁତ୍ୱ ଉପରେ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ପଣ୍ଡା, ବିଶ୍ୱ ବିଦ୍ୟାଳୟ କୁଳ ସଚିବ ପ୍ରାଧାପିକା ଡ. ଅନିତା ପାତ୍ର, କୁଳପତି ପ୍ରାଧାପିକା ଡ.ସୁପ୍ରିୟା ପଟ୍ଟନାୟକ, ପ୍ରାଧାପକ ଗଣପତି ପଣ୍ଡା ଡ. ପିଏସଆର୍ ଶ୍ରୀନିବାସ ଶାସ୍ତ୍ରୀ, ପ୍ରାଧାପକ ଜିଏସଏନ ରାଜୁ ଅତିଥି ରୂପେ ଉପସ୍ଥିତ ଥିଲେ।



# ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପୋଲିସ ଉପସ୍ଥିତିରେ ବିଦ୍ୟାଳୟ କୋଠା ଦଖଲ କଲା ଫାଇନାନ୍ସ କମ୍ପାନୀ

- ବନ୍ଧା ପଡିଛି ଶାଶ୍ୱତ ଶିଶୁ ମନ୍ଦିର
- ସ୍କୁଲକୁ ବନ୍ଧା ପକାଇ ଟଙ୍କା ଖାଇଗଲେ କର୍ତ୍ତୃପକ୍ଷ
- ଅଭିଭାବକ, ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ପୁରୁଷୋତ୍ତମପୁର,୨୧।୧୨(ସୀମାଞ୍ଚଳ ମିଶ୍ର) ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଥିବା ଶାଶ୍ୱତ ଶିଶୁ ମନ୍ଦିର କୋଠାକୁ ଶନିବାର ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପୋଲିସ ଉପସ୍ଥିତିରେ ଏକ ଫାଇନାନ୍ସ କମ୍ପାନୀ ଦଖଲକୁ ନେଇଛି। ଶିଶୁମନ୍ଦିର କର୍ତ୍ତୃପକ୍ଷ ସମ୍ପୃକ୍ତ କମ୍ପାନୀଠାରୁ ଋଣ ଆଣି ନ ଶୁଝିବାରୁ ଶେଷରେ କମ୍ପାନୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା। ଏପରି ପରିସ୍ଥିତି ଯୋଗୁ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଅଭିଭାବକ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଖବରରୁ ଜଣାପଡିଛି, ପୁରୁଷୋତ୍ତମପୁର ସହରରେ ଅଞ୍ଚଳର ବହୁ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ଶାଶ୍ୱତ ଶିଶୁମନ୍ଦିର ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟର ଜମି ନଥିବାରୁ ଏକ ଭଡା ଘରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ସେତେବେଳେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଥିଲେ। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ସ୍ଥାୟୀ ଗୃହ ନିର୍ମାଣ ଲାଗି ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପାଳ, ବିଶ୍ୱଜିତ ପାଳ, ବସନ୍ତ ମହାପାତ୍ର, ଲିଙ୍ଗରାଜ ପାତ୍ର ଜମିଦାନ କରିଥିଲେ। ଏହି ଜମି ଶିଶୁମନ୍ଦିର ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସେ ସମୟରେ ସଭାପତି ଥିବା ପ୍ରଫୁଲ୍ଲ ରଥ, ସମ୍ପାଦକ ବାସୁଦେବ ଜେନା, ପ୍ରଧାନ ଶିକ୍ଷକ ତାରାପ୍ରସାଦ ଦାଶ ଓ ସହ ପ୍ରଧାନ ଶିକ୍ଷକ ରାମକୃଷ୍ଣ ଜେନାଙ୍କ ନାମରେ ପୁରୁଷୋତ୍ତମପୁର ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ଗତ ୧୬।୨।୨୦୧୫ରେ ଦାନସୂତ୍ରରେ ଦଲିଲ ଲେଖି ଦେଇଥିଲେ। ଏଠାରେ କେବଳ ଶାଶ୍ୱତ ଶିଶୁମନ୍ଦିର ଗଢି ତୋଳିବା ଓ ଏହାର ଖିଲାପ ନ କରିବା ଲାଗି ଚୁକ୍ତିନାମାରେ ଉଲ୍ଲେଖ ଥିଲା। ଏହି ପ୍ରମାଣପତ୍ରକୁ ନେଇ ଶିଶୁମନ୍ଦିର କର୍ତ୍ତୃପକ୍ଷ ଘରବାରି ଖାତା ନଂ . ୩୧୧/୧୧୦୦ ପ୍ଲଟ ନଂ ୫୩୬/୨୩୦୬ ଓ ୩୧୧/୧୧୦୧, ପ୍ଲଟ ନଂ.୫୩୬/୨୩୦୭ରେ ପଟ୍ଟା କରାଇଥିଲେ। ଜମିରେ ବିଦ୍ୟାଳୟ ଗୃହ ନିର୍ମାଣ ସମୟରେ ଅଞ୍ଚଳର ବହୁ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଇଥିଲେ। ଏହାର ଉପର ମହଲା ଅର୍ଦ୍ଧନିର୍ମିତ ହୋଇ ରହିଛି। ଇତି ମଧ୍ୟରେ ଏଠାରେ ବିଦ୍ୟାଳୟ ଚାଲୁ ନ ଥିବା ବେଳେ ସ୍କୁଲ କର୍ତ୍ତୃପକ୍ଷ କିଛିବର୍ଷ ହେଲା ସ୍କୁଲକୁ ବନ୍ଦ କରିଦେଇ ଧୋବାସାହି ଛକ ନିକଟରେ ଏକ ଘରେ ଶାଶ୍ୱତ ଶିଶୁମନ୍ଦିର ନାମରେ ଏକ ବୋର୍ଡ ଲଗାଇଥିବା ଦେଖିବାକୁ ମିଳିଛି।



ତହସିଲଦାର, ଆଇଆଇସିଙ୍କ ସହ ପୋଲିସ ଫୋର୍ସ ଓ ଫାଇନାନ୍ସ କର୍ତ୍ତୃପକ୍ଷ ।

ଅନ୍ୟପକ୍ଷରେ ସହ ପ୍ରଧାନ ଶିକ୍ଷକ ରାମକୃଷ୍ଣ ଜେନା ମ୍ୟାନେଜିଂ ଟ୍ରଷ୍ଟି ରହି ତାଙ୍କର କିଛି ସମ୍ପର୍କୀୟଙ୍କୁ ନେଇ ଶାଶ୍ୱତ ଶିଶିମନ୍ଦିର ନାମରେ ଏକ ଟ୍ରଷ୍ଟ କରାଇ ଉକ୍ତ ବିଦ୍ୟାଳୟ ଜମିକୁ ଭୁବନେଶ୍ୱରରେ ଥିବା ଭର୍ତ୍ତିନା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ ଶାଖାରୁ ୨୦୧୫ରେ ୨୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଏହି ଋଣ ଟଙ୍କା ପରିଶୋଧ କରା ନ ଯିବାରୁ ଫାଇନାନ୍ସ କର୍ତ୍ତୃପକ୍ଷ ଆଇନ ଅନୁସାରେ ବିଦ୍ୟାଳୟ ଗୃହକୁ ନିଜ ଅକ୍ତିଆରକୁ ନେବାଲାଗି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସାରଫେସି ଆଇନ ଅନୁସାରେ ପୁରୁଷୋତ୍ତମପୁର ତହସିଲଦାର ତଥା ଏକଜ୍ୟୁକେଟିଭ ମାଜିଷ୍ଟ୍ରେଟ ବିନୋଦ ବେହେରା, ଥାନା ଆଇଆଇସି ରାଜେଶ ନାୟକ ଓ ପୋଲିସ ଫୋର୍ସ ସହ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ଗୃହକୁ ଜବତ କରି ଫାଇନାନ୍ସ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଣାକୁ ନେଇ ବିଦ୍ୟାଳୟ ପାଇଁ ଜମି ଯୋଗାଇଥିବା ପୂର୍ଣ୍ଣଚନ୍ଦ୍ର, ବିଶ୍ୱଜିତ ଓ ବସନ୍ତ ଏହି ଘଟଣାକୁ ନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ସହ ପ୍ରଧାନଶିକ୍ଷକ ରାମକୃଷ୍ଣ ଜେନାଙ୍କୁ ପଚାରିବା ପାଇଁ ତାଙ୍କ ମୋବାଇଲ ଫୋନରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା।

# ଆରଆଇଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୧।୧୨(ରାକେଶ କୁମାର ରାଉତ) ଲାଞ୍ଚ ନେବା ଅଭିଯୋଗରେ ଶନିବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଣେ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କୁ ୩ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ସେ ହେଲେ ଖଜୁରୀପଡା ଥାନା ଅନ୍ତର୍ଗତ ଗୁଦାରି ପଞ୍ଚାୟତର ତତ୍କାଳୀନ ଆରଆଇ ସୁନୀଲ ଦିଗାଲ। ମାମଲାର ବିବରଣୀରୁ ପ୍ରକାଶ, ଜଣେ ବ୍ୟକ୍ତିଙ୍କ ଜମିର କାଗଜପତ୍ର ସରଜମିନ ଯାଞ୍ଚ ପାଇଁ ସୁନୀଲ ତାଙ୍କୁ ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବ୍ୟକ୍ତି ଏ ନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ୨୬।୭।୨୦୨୧ରେ ଆରଆଇ ତାଙ୍କ କାର୍ଯ୍ୟାଳୟରେ ଏହି ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଭିଜିଲାନ୍ସ ଟିମ୍ ସୁନୀଲଙ୍କୁ ଧରିଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ. ୧୨/୨୧ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ଏହି ମାମଲା ଭିଜିଲାନ୍ସ କୋର୍ଟରେ ବଚରାଧୀନ ଥିଲା। ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭିଭି ରାମଦାସ ପରିଚାଳନା କରୁଥିଲେ।

# ବଡ଼ଦିନ ପାଇଁ ପୋଲିସର ସମନ୍ୱୟ ବୈଠକ

ରାଇକିଆ,୨୧।୧୨(ପ୍ରଦୀପ ବେହେରା): କନ୍ଧମାଳ ଜିଲା ରାଇକିଆ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର ଥାନା ପରିସରରେ ଆଇଆଇସି ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଦଭାବନା ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଇକିଆ ତହସିଲଦାର ସୁଭଦ୍ରା ମୁଣ୍ଡିକା, ଅତିରିକ୍ତ ତହସିଲଦାର ଦିଲୀପ କୁମାର ବେହେରା ,ଏସଆଇ ଆଶୁତୋଷ ପାଇକରାୟ ଉପସ୍ଥିତ ରହି ଅଞ୍ଚଳରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯେଭଳି ଶାନ୍ତିଶୃଙ୍ଖଳାର ସହ ବଡ଼ଦିନ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ପାଟ୍ରୋଲିଂକୁ କଡାକଡି କରିବା ସହ ଅଞ୍ଚଳରେ ଟ୍ରାଫିକ ସମସ୍ୟା, ମଦ୍ୟପଙ୍କ ଦ୍ରୁତଗତି ଗାଡିଚାଳନା ଓ ଅମାନିଆଙ୍କ ବେପରୁଆ ଗାଡି ଚାଳନାକୁ ରୋକିବାକୁ ଉପସ୍ଥିତ ଜନ ସଧାରଣ ପୋଲିସକୁ ନିବେଦନ କରିଥିଲେ। ବୈଠକରେ ୧୭ନଂ. ଜୋନ ଜିଲ୍ଲାପରିଷଦ ସଭ୍ୟ ସତ୍ୟବାନ ପାତ୍ର , ରାଇକିଆ ପୂଜାକମିଟି ପ୍ରତିନିଧି, ରାଇକିଆ ବଣିକ ସଂଘର ପ୍ରତିନିଧି, ପାଳକ ସଂଘ ସଭାପତି ଏବଂ ପ୍ରତିନିଧି, ସମସ୍ତ ଚର୍ଚ୍ଚର ପ୍ରତିନିଧି ଗଣ, ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀଙ୍କ ସମେତ ବିଭିନ୍ନ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ଜଳିଗଲା ଦୋକାନ

ଫିରିଙ୍ଗିଆ,୨୧।୧୨(ବିମଳ ଦିଗାଲ ) ଫିରିଙ୍ଗିଆ ଥାନା କେଳାପଡା ପଞ୍ଚାୟତର ଗେରୁପଡା ଗାଁରେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଏକ କୁକୁଡ଼ା ଦୋକାନ ଜଳିଯାଇଛି। ତେବେ ବର୍ତ୍ତିଯାଇଛନ୍ତି ଦୋକନ ମାଲିକ। ଏହି ଗାଁର କାହ୍ନା ପ୍ରଧାନ ଗେରୁପଡା ଗାଁ ଛକରେ ଏକ କୁକୁଡ଼ା ଦୋକାନ କରି ନିଜ ପରିବାର ଚଳାଉଥିଲେ । ଶନିବାର ସକାଳୁ ସେ ଦୋକାନ ଖୋଲି କୁକୁଡ଼ା କାଟିବା ପାଇଁ ଦୋକାନ ଭିତରେ ଥିବା ଗ୍ୟାସରେ ପାଣି ଗରମ କରିଥିଲେ । ଏହି ସମୟରେ ହଠାତ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଯାଇଥିଲା। ନିଆଁର ପ୍ରକୋପ ଏତେ ଜୋର ଥିଲା ଯେ ଦୋକାନଟି ଜଳିଯାଇଥିଲା। ଫିରିଙ୍ଗିଆ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୋକାନ ନିଆଁକୁ ଆୟତ୍ତ କରିଥିଲେ।

# ଫସଲ କ୍ଷତି ଆକଳନ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସହ କଥା ହେଲେ ପୂର୍ବତନ ବାଚସ୍ପତି

ପାତ୍ରପୁର, ୨୧।୧୨(ଉମା ଚରଣ ନେପାକ) ଚଳିତ ବର୍ଷ ଅନିୟମିତତା ବୃଷ୍ଟିପାତ ଫଳରେ ଗଞ୍ଜାମ ଜିଲାରେ ଚାଷୀ ବହୁ କଷ୍ଟରେ ଧାନ ରୁଆ ବେଉଷଣ କରିଥିଲେ। ଧାନ ଅମଳ ବେଳକୁ ଲଘୁଚାପ ବର୍ଷା ଚାଷୀଙ୍କୁ ସଙ୍କଟରେ ପକାଇଛି। ବର୍ଷା ଯୋଗୁ ଜିଲାର ଚିକିଟି ଓ ପାତ୍ରପୁର ଅଞ୍ଚଳରେ ଧାନ ଅମଳ ପ୍ରଭାବିତ ହେଇଛି। ଏହି ଦୁଇ ସ୍ଥାନରେ ସର୍ବାଧିକ ବର୍ଷା ହୋଇଛି। ଏ ସମ୍ପର୍କରେ ପୂର୍ବତନ ବାଚସ୍ପତି ତଥା କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନସାମନ୍ତରା ରାଜସ୍ୱ ମନ୍ତ୍ରୀଙ୍କ ସହିତ ଶନିବାର ଫୋନ ଯୋଗେ କଥା ହୋଇ ସ୍ଥିତି ଅନୁଧ୍ୟାନ ପାଇଁ ଜିଲାକୁ ଆସିବାକୁ ଅନୁରୋଧ କରିଛନ୍ତି। ବହୁ ଜମିରେ ପାଚିଲା ଧାନ କଟା ହୋଇ ରହିଥିବା ବେଳେ ବର୍ଷା ହେତୁ ତାହା ଏବେ ପାଣିରେ ବୁଡି ରହିଛି। କେତେକ ଚାଷୀ ଧାନ କାଟି ନାହାନ୍ତି। ବର୍ଷା ଫଳରେ ଜମିରେ ଥିବା ଧାନ ଝଡ଼ି ନଷ୍ଟ ହେବା ଆଶଙ୍କା ଦେଖା ଦେଇଛି। ଧାନ ଅମଳ କରିଥିବା ଚାଷୀ ମଣ୍ଡି ଖୋଲା ଯାଇ ନ ଥିବାରୁ ଖଳାରେ ଧାନ ରଖି ଅପେକ୍ଷା କରିଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ଉପରେ ବର୍ଷା ଦାଉ ସାଜିଛି। ଅନ୍ୟପକ୍ଷରେ ମଣ୍ଡି ପାଇଁ ଏଫଏକ୍ୟୁ ମାନର ଧାନ ଆଦାୟରେ ମଧ୍ୟ ଆଶଙ୍କା ଦେଖା ଦେଇଛି। ସରକାର ଗଞ୍ଜାମ ଜିଲାର ଚାଷୀଙ୍କ ପାଇଁ ଏଫଏକ୍ୟୁ ମାନ ନୀତିକୁ କୋହଳ କରିବାକୁ ଏବଂ ଆଗାମୀ ରବୁର ଧାନଚାଷ ଲାଗି ମାଗଣାରେ ବିହନ ସାର ଓ ଔଷଧ ଯୋଗାଇ ଦେବାକୁ ଦ୍ୟାନସାମନ୍ତରାୟ ଦାବି କରିଛନ୍ତି।

# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଭଞ୍ଜନଗରି,୨୧।୧୨(ବାବୁଲା ପ୍ରଧାନ)ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଛି। ଏହି ଅବସରରେ ଯୁକ୍ତ୨ ପାଶ୍ ହୋଇଥିବା ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଲାପଟପ୍ ବଣ୍ଟନ ସହ ଭବିଷ୍ୟତ କିଭଳି ଗଠନ କରିବେ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଆର. ହରିଶ କୁମାର ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ବିଭାସ ଦାସ, ଶୈକ୍ଷିକ ପରିଷଦ ସମ୍ପାଦକ ହରପ୍ରସାଦ ଶତପଥୀ, ଅଧ୍ୟାପକ ସନାତନ ବେହେରା,ବିଦେଶୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପକ ବୁଦ୍ଧିନାଥ ବେହେରା ସ୍ୱାଗତସୂଚନା ଦେଇଥିଲେ। କର୍ପୋରେଟର ତାଲିମଦାତା କାଳି ପ୍ରସାଦ ରବି ତାଲିମଦାତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନେ ଯୁକ୍ତ୨ ପାଶ୍ ପରେ କଣ କରିବେ ଏବଂ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଉପରେ ବୁଝାଇଥିଲେ। ଅଧ୍ୟାପିକା ସ୍ମରଣିକା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ କଲେଜ ଆଇକ୍ୟୁଏସି ସେଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ସେଲ୍ ସଂଯୋଜକ ଡ଼.ସୁନାମ ପାତ୍ର ସଂଯୋଜନା କରିଥିଲେ।

# ବିଶ୍ୱ ଧ୍ୟାନ ଦିବସ ପାଳିତ

କବିସୂର୍ଯ୍ୟନଗର, ୨୧।୧୨ ( କୃପାସିନ୍ଧୁ ସ୍ୱାଇଁ) ଆଇବି ଛକ ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପ୍ରଭୁ ପ୍ରୀତ ଭବନ ତରଫରୁ ଶନିବାର ପ୍ରଥମ ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଛି। ଏଥିରେ ଅବସର ପ୍ରାପ୍ତ ଭାରତୀୟ ସେନାର କ୍ୟାପ୍‌ଟେନ ଟି.ରାମେଶ୍ୱର ପାତ୍ର, ମା’ ଦନ୍ତ ଚିକିତ୍ସାଳୟର ପ୍ରତିଷ୍ଠାତା କଂଗ୍ରେସ ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ରାଉତ, ବୁଦ୍ଧିମନ୍ତ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ବିଶ୍ୱରେ ଅଶାନ୍ତି କର ପରିବେଶ ମଧ୍ୟରେ କିପରି ଆନ୍ତରିକ ଶାନ୍ତି ଓ ବୈଶ୍ୱିକ ସଦଭାବନା ଜାଗ୍ରତ କରାଯିବ ଏହା ଥିଲା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ। ମିଳିତ ଜାତିସଙ୍ଘର ଆର୍ଥିକ ଓ ସାମାଜିକ ପରିଷଦର ମୁଖ୍ୟ ପରାମର୍ଶ ଦାତା ରୂପେ ବ୍ରହ୍ମା କୁମାରୀସ ଅଂଶ ଗ୍ରହଣ କରୁଥିବାରୁ ବିଶ୍ୱରେ ଶାନ୍ତି ପାଇଁ ରାଜଯୋଗ ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦିଆ ଯାଇଥିଲା। ବ୍ରହ୍ମାକୁମାରୀ ସୁଜ୍ଞାନୀ, ନିରୁପ୍ରଭା, ଅନୁରାଧା, ଅନିତା, ଜୟଶ୍ରୀ, ବସୁମତୀ, ବିଷ୍ଣୁପ୍ରିୟା ଓ ବ୍ରହ୍ମାକୁମାର ଚରଣ, ବଳରାମ, ପ୍ରଦୀପ, ପବିତ୍ର ଏବଂ ଅନ୍ୟ ଭାଇ ଭଉଣୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ।




## ସଂକ୍ଷେପରେ

### ମଦ ଜବତ ମାମଲା, ନାବାଳକ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୧।୧୨(ସୁବାସ ଚନ୍ଦ୍ର ପାଢ଼ୀ): ଜୁଭେନାଇଲ ଜଷ୍ଟିସ ବୋର୍ଡ଼(ଜେଜେବି)ର ପ୍ରିନ୍ସିପଲ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଦାଶ ଶନିବାର ଅବକାରୀ ବିଭାଗ ପକ୍ଷରୁ ଦେଶୀ ମଦ ଜବତ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଜଣେ ନାବାଳକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅବକାରୀ ବିଭାଗକୁ ମୋହଡା ପଟୁ ବ୍ରହ୍ମପୁରକୁ ଦେଶୀ ମଦ ଚାଲାଣ ହେଉଥିବା ଖବର ମିଳିଥିଲା। ୨୦୨୩ ଜାନୁଆରୀ ୭ ତାରିଖରେ ଏକ ଟିମ ଲାଠୀ-ବ୍ରହ୍ମପୁର ମଧ୍ୟରେ ଯାନବାହନ ଚେକିଂ କରୁଥିଲେ। ଏକ ସ୍କୁଟି ଗାଡି ଅଟକାଇ ଯାଞ୍ଚ ବେଳେ ସେଥିରେ ଥିବା ୮୦ ଲିଟର ଦେଶୀ ମଦ ଜବତ କରଯାଇଥିଲା। ଉକ୍ତ ସ୍କୁଟି ଚାଳକ ଜଣଙ୍କ ନାବାଳକ ଥିଲେ। ଅବକାରୀ ମାମଲା ନଂ. ୧୮୨/୨୨-୨୩ ରେ ତାଙ୍କୁ ଜେଜେବିରେ ହାଜର କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସଆଇ ସୁଧାଂଶୁ ମୁଣ୍ଡା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବୟାନକୁ ଭିତ୍ତିକରି ଜଜ୍ ଏହି ରାୟ ଦେଇଛନ୍ତି। ନାବାଳକଙ୍କ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ବେହେରା ଓ ତାଙ୍କ ସହଯୋଗୀ ପୱନ କୁମାର ମକଦ୍ଦମା ପରିଚାଳନା କରୁଥିଲେ।

# ବର୍ଷା ବିପ୍ରାତ: ୪୬୭୯ ହେକ୍ଟରର ଫସଲ କ୍ଷତି ଆଶଙ୍କା

ବ୍ରହ୍ମପୁର,୨୧।୧୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ୩ ଦିନ ହେଲା ବର୍ଷା ବିପ୍ରାତ ଲାଗି ରହିଛି। ଶନିବାର ଅପରାହ୍ନ ୩ଟାରୁ ବର୍ଷା ବନ୍ଦ ଥିଲେ ବି ୪୬୭୯ ହେକ୍ଟର ଜମିର ଖରିଫ ଧାନ ଫସଲ ଉଜୁଡିବା ଆଶଙ୍କା ରହିଛି ବୋଲି କୃଷି ବିଭାଗ ଆକଳନ କରିଛି।

ଚଳିତବର୍ଷ ୧ ଲକ୍ଷ ୭୮ ହଜାର ୯୦୦ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ୧ ଲକ୍ଷ ୭୮ ହଜାର ୨୯୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ଡିସେମ୍ବର ପୂର୍ବରୁ ଛୋଟ ଧାନଗୁଡିକ କଟାଯାଇଥିଲା। ତେବେ ଡିସେମ୍ବର ମାସ ଧାନ କଟା ସମୟ ଥିବାରୁ ଅନେକ ଚାଷୀ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଗତ ମାସରେ ବର୍ଷା ହେବାରୁ ଚାଷୀମାନେ ଆତଙ୍କିତ ହୋଇପଡିଥିଲେ। କିଛି କ୍ଷତି ହୋଇଥିବା ଆକଳନ କରାଯାଇଛି। ପରେ ପରେ ଚାଷୀ ଧାନ ଅମଳକ୍ଷମ କରିବା ପାଇଁ ଲାଗି ପଡିଥିଲେ। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୫୧ ହଜାର ହେକ୍ଟର ଜମିର ଧାନ ଫସଲ ଅମଳ ହୋଇ ସାରିଛି।


ସାନଖେମୁଣ୍ଡି ବ୍ଲକରେ କୃଷି ବିଭାଗର ଅଧିକାରୀମାନେ ଚାଷୀଙ୍କୁ ସଚେତନ କରୁଛନ୍ତି।

ଆଉ କିଛି ଧାନ ଫସଲ ଜମିରେ କଟା ନ ହୋଇ ରହିଥିବାବେଳେ କିଛି କଟା ହୋଇପଡିଛି। ୨୨ ହଜାର ୬୨୩ ହେକ୍ଟର ଜମିର ଧାନ ଫସଲ ବର୍ତ୍ତମାନ ସୁଦ୍ଧା କଟାଯାଇ ନଥିବା ବେଳେ ୪୬୭୯ ହେକ୍ଟର ଜମିର ଫସଲ କଟା ହୋଇପଡିଛି। ଲଗାତର ୩ ଦିନ ବର୍ଷା ଚାଲିଛି। ଶୁକ୍ରବାର ରାତିରୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇଛି। ସାଧାରଣତଃ ପୂର୍ବରୁ ଡିସେମ୍ବରରେ ହାରାହାରି ୮.୭ ମିମି ବର୍ଷା ହୋଇଥାଏ। ଚଳିତବର୍ଷ ଏହି ମାସରେ କେବଳ ୨୧ ତାରିଖ ସୁଦ୍ଧା ଜିଲାରେ ୫୮.୬୮ ମିମି ବର୍ଷା ହୋଇଛି। କିନ୍ତୁ ଗତ ୩୬ ଘଣ୍ଟାର ବର୍ଷାର ପରିମାଣକୁ ଦେଖିଲେ ଜିଲାରେ ହରାହାରି ୪୮.୪୩ ମିମି ବର୍ଷା ହୋଇଛି। ବେଲଗୁଣ୍ଠା ବ୍ଲକରେ ସର୍ବାଧିକ ୬୯.୨ ମିମି ବର୍ଷା ହୋଇଥିବା କୃଷି ବିଭାଗ ରେକର୍ଡରୁ ଜଣାପଡିଛି। ସାନଖେମୁଣ୍ଡି ବ୍ଲକରେ ସର୍ବନିମ୍ନ ୯ ମିମି ବର୍ଷା ହୋଇଥିବାବେଳେ ଆଉ ସମସ୍ତ ବ୍ଲକରେ ପ୍ରବଳ ବର୍ଷା ହୋଇଛି। ବର୍ଷା ମାଡରେ କଟା ହୋଇ ବିଲରେ ପଡିଥିବା ଧାନ ଓ କଟା ନହୋଇ ବିଲରେ ଥିବା ଧାନ ନିଶ୍ଚିତ କ୍ଷତିଗ୍ରସ୍ତ ହେବା ଆଶଙ୍କା ସ୍ପଷ୍ଟ ହୋଇଛି। ଏ ସମ୍ପର୍କରେ ଚାଷୀ ନେତା ସୀମାଞ୍ଚଳ ନାହାକ କହିଛନ୍ତି ଯେ, କୃଷି ବିଭାଗ ପକ୍ଷରୁ କେବଳ ଆଖିରେ ଦେଖି ଆକଳନ କରାଯାଇଛି। ଏ ପର୍ଯ୍ୟନ୍ତ କ୍ଷେତ୍ର ପରିଦର୍ଶନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି। ପ୍ରାୟ ୨୦ ପ୍ରତିଶତ ଫସଲ କଟା ହୋଇଯାଇଥିବାବେଳେ ଆଉ ୨୦ ପ୍ରତିଶତ ଫସଲ କଟା ହୋଇନାହିଁ। କଟା ହୋଇଥିବା ଫସଲ ପାଣିରେ ବୁଡିଯାଇଛି। ତାହା ନିଶ୍ଚିତ ଭାବେ ନଷ୍ଟ ହେବ। ଆଉ ଯେଉଁଗୁଡିକ କଟା ହୋଇନାହିଁ ଖରା ହେଲେ ଜମିଶୁଖିବ। ପରେ କାଟିଲେ ତାହା ବିଲରେ ଝଡିଯିବ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ଷା ପାଇଁ ଚାଷୀଙ୍କୁ ସଚେତନ କରାଯାଇଛି। ବ୍ଲକଗୁଡିକ ତରଫରୁ ଅନୁଧ୍ୟାନ କରାଯାଇ ଶନିବାର ସନ୍ଧ୍ୟା ସୁଦ୍ଧା ୪୬୭୯ ହେକ୍ଟର ଜମିର ଫସଲ ନଷ୍ଟ ସମ୍ଭାବନା ରହିଥିବା ରିପୋର୍ଟ ଆସିଛି। ଯେଉଁଗୁଡିକ କଟା ନହୋଇ ବିଲରେ ରହିଛି ସେଗୁଡିକ ପାଇଁ କ୍ଷତି ସମ୍ଭାବନା କମ ରହିଛି। ତଥାପି କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯିବା ସହ କ୍ଷୟକ୍ଷତି ସମ୍ପୂର୍ଣ୍ଣ ଆକଳନ ହେଲେ ତାକୁ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଏଡ୍ସ ନିୟନ୍ତ୍ରଣ କରିବ ଲକ୍ଷ୍ୟଭେଦୀ ପ୍ରକଳ୍ପ



ବ୍ରହ୍ମପୁର,୨୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏଡ୍ସ ନିୟନ୍ତ୍ରଣରେ ପୋଲିସକୁ ସହାୟତା କରିବ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଅରୁଣା'ର ଲକ୍ଷ୍ୟଭେଦୀ ପ୍ରକଳ୍ପ। ବ୍ରହ୍ମପୁର ପୋଲିସ ଜିଲା ଅଧୀକ୍ଷକଙ୍କ ଅନୁମୋଦନକ୍ରମେ ସମସ୍ତ ଥାନା ଅଫିସର ଓ କର୍ମଚାରୀଙ୍କ ଭିତରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ ପ୍ରକଳ୍ପ ମୁଖ୍ୟତଃ ମହିଳା ଯୌନ କର୍ମୀ, ତୃତୀୟ ଲିଙ୍ଗୀ ଓ ସମଲିଙ୍ଗୀ ଯୌନ ସମ୍ପର୍କ ରଖୁଥିବା ଲୋକଙ୍କ ସହିତ କାମ କରିଥାଏ। ସେମାନଙ୍କ ମଧ୍ୟରେ ଏଚଆଇଭି ସଂକ୍ରମଣକୁ ରୋକିବାର ପ୍ରୟାସ କରିଥାଏ । ରାଜ୍ୟ ପୋଲିସ ବଳ କାର୍ଯ୍ୟ ନିର୍ବାହ କଲାବେଳେ ବିଭିନ୍ନ ସମୟରେ ଏଚଆଇଭି ସଂକ୍ରମଣ ପ୍ରତି ବିପଦସଙ୍କୁଳ ବ୍ୟକ୍ତି ଓ ଗୋଷ୍ଠୀ ସଂସ୍ପର୍ଶରେ ଆସିଥାନ୍ତି। ଏହି ପ୍ରକଳ୍ପ ଦ୍ୱାରା ସେମାନଙ୍କୁ ସଚେତନ କରାଯିବ। ପୋଲିସ ଜିଲାର ସଦର ଓ ବଡ଼ବଜାର ଥାନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ଥାନାରେ କାର୍ଯ୍ୟକ୍ରମ କରାଯିବ। ପରେ ବ୍ରହ୍ମପୁର ପୌର କର୍ମଚାରୀ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ରେଳବାଇ ପୋଲିସ, ଅଟୋ ଚାଳକ ସଂଘ ସହାୟତରେ ଏହି କାର୍ଯ୍ୟକ୍ରମ କରାଯିବ। ଜିଲା ଏଡ୍ସ ନିୟନ୍ତ୍ରଣ ୟୁନିଟର ପ୍ରକଳ୍ପ ପରିଚାଳକ ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଗାମୀ ୨୦୩୦ ସୁଦ୍ଧା ଗଞ୍ଜାମ ଜିଲାକୁ 'ନୂତନ ଏଚଆଇଭି ସଂକ୍ରମଣ ମୁକ୍ତ' କରିବା ସଂକଳ୍ପ ରହିଛି ବୋଲି ଅରୁଣାର ପ୍ରତିଷ୍ଠାତା ଲୋକନାଥ ମିଶ୍ର କହିଛନ୍ତି।

# ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

ବ୍ରହ୍ମପୁର,୨୧।୧୨(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ହଲ ଠାରେ ଦୁଇ ଦିନ ଧରି ଚାଲିଥିବା ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ ଉଦଯାପିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି,ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ସତ୍ୟବାନ ଜେନା,ଗୌହାଟି ଆଇଆଇଟିର ପ୍ରଫେସର ଟି. ପର୍ଣ୍ଣମୂର୍ତ୍ତି ପ୍ରମୁଖ ଯୋଗ ଦେଇ ସମ୍ମିଳନୀରେ ହୋଇଥିବା ବିଭିନ୍ନ ଉପସ୍ଥାପନାରୁ ସମାଜ ତଥା ଯୁବବର୍ଗ କିପରି ଲାଭାନ୍ୱିତ ହୋଇପାରିବେ ସେଥିପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମିଳନୀର ଆବାହକ ଡ଼.ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ। ଡ଼. ରବି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ଼. ସତ୍ୟ ନାରାୟଣ ସାହୁ, ଡ଼. ବିଭୁତି ଭୂଷଣ ପରିଡ଼ା, ଡ଼. ବାମାକାନ୍ତ ଗଡ଼ନାୟକ, ଡ଼. ବେଦବ୍ୟାସ ବେହେରାଙ୍କ ସମେତ ଗବେଷକ, ଗବେଷିକା, ଛାତ୍ର, ଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

# 'ପରିବେଶ ସୁରକ୍ଷିତ ରହିଲେ ସ୍ୱାସ୍ଥ୍ୟରକ୍ଷା ହୋଇପାରିବ'


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ କଂଗ୍ରେସର ଦ୍ୱିତୀୟ ଦିବସ**

ବ୍ରହ୍ମପୁର,୨୧।୧୨(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡିଶା ପରିବେଶ କଂଗ୍ରେସର ଶନିବାର ଥିଲା ଦ୍ୱିତୀୟ ଦିବସ । ପରିବେଶବିତ୍ ସୁଦର୍ଶନ ଦାସଙ୍କ ଆବାହନକ୍ରମେ ପିଲାଙ୍କ ପରିବେଶ କଂଗ୍ରେସ ଆୟୋଜିତ ହୋଇଥିଲା। ୩୦୦ରୁ ଅଧିକ ଛାତ୍ରୀଛାତ୍ର ସହ ସେମାନଙ୍କ ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଉଦଘାଟନ କରିଥିବାବେଳେ ସୁଧୀର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଯୋଗ ଦେଇ କହିଲେ ଯେ, ଏ ପୃଥିବୀ ହେଉଛି ପିଲାମାନଙ୍କର। ତେଣୁ ସେମାନେ ବିପର୍ଯ୍ୟସ୍ତ ପରିବେଶ ବିଷୟରେ ଅବଗତ ହୋଇ ଏହାର ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ହେବ । ଭୁବନେଶର ସର୍ବଭାରତୀୟ ଆୟୁର୍ବିଜ୍ଞାନ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ରୋଗ ସହ ବିପର୍ଯ୍ୟସ୍ତ ପରିବେଶ କିପରି ଭାବେ ଦାୟୀ ଓ ତା'ର ପ୍ରତିକାର କହିଥିଲେ। ଇ. ତେଜେଶ୍ୱର ରାଓ, ପ୍ରଫେସର ତମୋଘ୍ନା ଆଚାର୍ଯ୍ୟ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଣ୍, ଜୟ କୃଷ୍ଣ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଖାଡ଼ଙ୍ଗା ସମ୍ମାନୀୟ ଅତିଥିଭାବେ ଉପସ୍ଥିତ ଥିଲେ । ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୨୬ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଏନଏସଏସ ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ରଘୁନାଥ ମିଶ୍ରଙ୍କ ଜୟନ୍ତୀ ଉତ୍ସବ

ବ୍ରହ୍ମପୁର,୨୧।୧୨(ସ୍ମୃତିରଞ୍ଜନ ମହାଲିକ) ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ୯୭ତମ ଜୟନ୍ତୀ ଉତ୍ସବ ନାଟ୍ୟ ଶ୍ରୀ ଫାଉଣ୍ଡେସନ ପକ୍ଷରୁ ଶନିବାର ପ୍ରକାଶମ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ରଘୁନାଥ ମିଶ୍ରଙ୍କ ଜୀବନୀ ଉପରେ ଆଲୋଚନା ହୋଇଥିଲା। ମେଜର ରମା ରମଣ ପାଢି ଅଧିବେଶନରେ ଅଧ୍ୟକ୍ଷତା କରିବା ସହ ସ୍ୱର୍ଗତ ରଘୁନାଥଙ୍କ କୀର୍ତ୍ତି ଓ କୃତି ସବୁ ବେଳେ ଅମର ବୋଲି କହିଥିଲେ। ଆଲୋଚକ ବନମାଳୀ ପାଣିଗ୍ରାହୀ, ନାଟ୍ୟ ଗବେଷକ ବାୟାମନୁ ଚର୍ଚ୍ଚି, ମଦନ ମିଶ୍ର, ରମେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଭୁବନେଶ୍ୱର ପଂଚଧ୍ୱନୀ ନାଟ୍ୟ ପରିଷଦ ପକ୍ଷରୁ ନାଟକ ଭିନ୍ନ ଏକ ସହଯାତ୍ରୀ ମଂଚସ୍ଥ ହୋଇଥିଲା। ପଂଚାନନ ଦାସଙ୍କ ରଚିତ ନାଟକରେ ମଳୟ କୁମାର ମହାନ୍ତି ନିର୍ଦ୍ଦେଶନା ଓ ମାନସ କୁମାର ପରିଡା ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମୁଖ୍ୟବକ୍ତା ବରିଷ୍ଠ ନାଟ୍ୟକାର ମେଜର ରମା ରମଣ ପାଢି ଓ ସମ୍ମାନନୀୟ ଅତିଥି ରୂପେ ବିଜେଡି ନେତା ସୁବାଷ ମହାରଣା, କମ୍ୟୁନିଷ୍ଟ ନେତା ନାରାୟଣ ରେଡି, ଫାଉଣ୍ଡେସନର ସଂପାଦକ ବିଚିତ୍ରା ନନ୍ଦ ବେବର୍ତ୍ତା ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ରାଜ ଗୋପାଳ ପାଢି ଓ ସୁବାସ ଚନ୍ଦ୍ର ସାହୁଙ୍କୁ ନାଟ୍ୟଶ୍ରୀ ରଘୁନାଥ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୂର୍ଯ୍ୟ ନାରାୟଣ ପାତ୍ର ସଂଯୋଜନା କରିଥିବା ବେଳେ ଫାଉଣ୍ଡେସନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲରେ ବାର୍ଷିକ କ୍ରୀଡ଼ା


କ୍ରୀଡାଉତ୍ସବରେ ଉପସ୍ଥିତ ଅତିଥି ଓ ଛାତ୍ର ।

ବ୍ରହ୍ମପୁର,୨୧।୧୨(ସ୍ମୃତି ରଞ୍ଜନ ମହାଲିକ)- ଗୁଡସରୋଡ ସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଓ ସଂପାଦିକା ଅନୀତା କୁମାରୀ ପାଢୀ ଅତିଥି ରୂପେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଜି ଆକାଶଙ୍କ ନେତୃତ୍ୱରେ ଛାତ୍ର ଅମିତ ସେଠୀ ସ୍ଥାନୀୟ ଦୁର୍ଗା ମନ୍ଦିରଠାରେ ମଶାଲ ପ୍ରଜ୍ୱଳନ କରି ନଗର ପରିକ୍ରମା କରିଥିଲେ। ଏହାପରେ ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ପରିଡା ଓ ଅତିଥିଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା। ଶନିବାର ୧୦୦ ଓ ୨୦୦ ମିଟର ଦୌଡ, ସଟ ପୁଟ, ଡିସ୍କସ ଥ୍ରୋ ଓ ସ୍ଲୋ ସାଇକେଲ ରେସ କ୍ରୀଡା ହୋଇଥିଲା। ଆସନ୍ତା ୨୪ ତାରିଖ ଯାଏଁ କ୍ରୀଡା ଉତ୍ସବ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷା ସୂଚନା ଦେଇଛନ୍ତି।

# ମକାଖଳାରୁ ୬ କୁଇଣ୍ଟାଲ ଗଞ୍ଜେଇ ଜବତ

ମୋହନା,୨୧।୧୨(ମନ୍ମଥ ମିଶ୍ର)

ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିବା ଗଞ୍ଜେଇକୁ ଶନିବାର ଜବତ କରିଛି ମୋହନା ପୋଲିସ। ଲବାରସିଂ ପଞ୍ଚାୟତର ରାଙ୍କୁଡ଼ା ଗ୍ରାମ ନିକଟରେ ଏକ ଧାନ ଖଳାରେ ଜାରିପାଲ ଘୋଡ଼ାଇ ମକା ବସ୍ତା ସହ ଗଞ୍ଜେଇ ବସ୍ତା ରଖାଥିବା ନେଇ ସୂଚନା ପାଇବା ପରେ ଥାନା ଅଧିକାରୀ ବସନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଖଳାରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ପୋଲିସ ଗାଡ଼ିକୁ ଦେଖି ସେଠାରେ ଥିବା ଗଞ୍ଜେଇ ମାଫିଆ ଏକ ବାଇକ୍ ଛାଡି ( ଓଡ଼ି ୨୦ ସି-୪୮୧୧) ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଉକ୍ତ ଖଳାରେ ତଲାସୀ କରି ୧୪୦ ବସ୍ତା ମକା ସହ ୨୨ ବସ୍ତା ଗଞ୍ଜେଇ ଜରି ପାଲ ଭିତରୁ ଜବତ କରିଥିଲା। ତହସିଲଦାର ଚକ୍ରଧର ପାଢ଼ୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରିବାରୁ ଏହା ୬୯୨ କିଲୋ ହୋଇଥିଲା। ଏହି ଗଞ୍ଜେଇର ବଜାର ଦର ୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ କହିଛନ୍ତି। ଚଢ଼ାଉରେ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପୁରୁଷୋତ୍ତମ ପାଇକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ନଂ. ୨୩୨/୨୪ରେ ଏକ ମାମଲା ରୁଜୁ ହୋଇଛି।

### ଅସଦାଚରଣ ଉଦ୍ୟମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଆସିକା,୨୧।୧୨(ସୁରେନ୍ଦ୍ର ନାଥ ସାହୁ)-ଆସିକା ଏନଏସିର ରଘୁନାଥ ନଗର ସାହିରେ ଜଣେ ମହିଳାଙ୍କ ଘରେ ପଶି ଅସଦାଚରଣ ଉଦ୍ୟମ ଅଭିଯୋଗରେ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ସାହିର ନାରାୟଣ ବେହେରା (୨୬)। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୧୦ ତାରିଖ ରାତି ପ୍ରାୟ ୧୦ଟାରେ ଅଭିଯୁକ୍ତ ଜଣକ ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାରଣ ଉଦ୍ୟମ କରିଥିଲେ । ମହିଳା ଏହାର ପ୍ରତିବାଦ କରିବା ପରେ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତ ମହିଳାଙ୍କୁ ଧମକ ଦେଇ ଚାଲି ଯାଇଥିଲେ।

# ଲୋକ ପ୍ରଶାସନ ଓ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ କର୍ମଶାଳା

ବ୍ରହ୍ମପୁର, ୨୧।୧୨(ସ୍ୱାଧୀନ ଶେଖର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଲୋକ ପ୍ରଶାସନ ଏବଂ ରାଜନୀତି ବିଜ୍ଞାନ ବିଭାଗର ମିଳିତ ସହଯୋଗରେ ସ୍ନାତକୋତ୍ତର ପରିଷଦ ଗୃହରେ ଏକଦିବସୀୟ ଦକ୍ଷତା ବିକାଶ ଓ ଉଦ୍ୟୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ସହକାରୀ ପ୍ରାଧ୍ୟାପକ ଡ଼ା. କେଶବ ଚନ୍ଦ୍ର ରଥ, ସହକାରୀ ଜିଲାପାଳ ତଥା ଅତିରିକ୍ତ ତହସିଲଦାର ଦୀପକ କୁମାର ଜେନାଶ୍, ଫ୍ରୀଲାନ୍ସ ନିଯୁକ୍ତି ପ୍ରଶିକ୍ଷକ କାଳୀପ୍ରସାଦ ରବି ଏବଂ କାନଡ଼ା ବ୍ୟାଙ୍କ ବି.ଡି.ଏମ ସୁଶାନ୍ତ କୁମାର ସାହୁଙ୍କୁ କ୍ୟାରିଅର ପରାମର୍ଶ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥିଲା। ରାଜନୀତି ବିଜ୍ଞାନର ସଂଯୋଜକ ଡ଼ା. ଶାରଦା ପ୍ରସନ୍ନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଅଧ୍ୟାପକ ଡ଼ା.ରାଜେଶ ସେଠ, କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବୈଷୟିକ ଅଧିବେଶନରେ ଡ଼ା. କେଶବ ଚନ୍ଦ୍ର ରଥ, ଆଜିର ସମୟରେ ରାଜନୀତି ବିଜ୍ଞାନର ବୃତ୍ତି ସମ୍ଭାବନା ଉପରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ଦୀପକ କୁମାର ଜେନା ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଏଂ ପ୍ରଶାସନିକ କାର୍ଯ୍ୟରେ ଆହ୍ୱାନ ଏଂ ସୁଯୋଗ ଉପରେ କହିଥିଲେ। ଲୋକ ପ୍ରଶାସନ ସଂଯୋଜକ ସଞ୍ଜୟ ମେହେର, ଡ଼ା. ସୌମେନ୍ଦ୍ର କୁମାର ମହାନ୍ତି, ଡ଼ା. ଭାଗ୍ୟଶ୍ରୀ ରଥ, ଯଜ୍ଞାଦତ୍ତ ପଟ୍ଟନାୟକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଚୁକ୍ତିଭିତ୍ତିକ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଓ ଅନୁକମ୍ପାମୂଳକ ନିଯୁକ୍ତି ଉପରେ ଅଙ୍କୁଶ ପ୍ରତ୍ୟାହାର ଦାବି



ବୈଠକରେ ଉପସ୍ଥିତ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୨୧।୧୨(ସ୍ମୃତିରଞ୍ଜନ ମହାଲିକ)

ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଏକ ସାଂଗଠନିକ କର୍ମଶାଳା ୟୁସିପି ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ସାଧାରଣ ସଂପାଦକ ଏ ଶ୍ରୀକୁମାର ସଭାପତିତ୍ୱ କରିଥିଲେ। ଉପସଭାପତି ସୁତାପା ହଜାରେ ଓ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସଂପାଦକ ପ୍ରଶାନ୍ତ କୁମାର ମହାନ୍ତି ଯୋଗ ଦେଇଥିଲେ। ବୈଠକରେ ସରକାରୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ସଂଘର ବିଭିନ୍ନ ଦାବି ଆଲୋଚନା ହୋଇଥିଲା। ଦାବି ଗୁଡିକ ମଧ୍ୟରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହାର, ପୁରୁଣା ପେନସନ ଲାଗୁ, ଖାଲିଥିବା ପଦବୀ ପୂରଣ, ଚୁକ୍ତି ଭିତ୍ତିକ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଅନୁକମ୍ପାମୂଳକ ନିଯୁକ୍ତି ଉପରେ ରହିଥିବା ଅଙ୍କୁଶକୁ ପ୍ରତ୍ୟାହାର କରି ପୁରୁଣା ନିୟମ ଅନୁଯାୟୀ ନିଯୁକ୍ତି, ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ଓ କ୍ୟାଡର ପୁର୍ନ ଗଠନ ଭଳି ବିଭିନ୍ନ ଦାବି ସଂପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଦ୍ମ ଚରଣ ପାଢି, ପ୍ରଦୀପ କୁମାର ସିଂ ଓ ସୁମନ ପାତ୍ରଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ସୁକୁଣ୍ଡା ଜଗନ୍ନାଥ ମନ୍ଦିରକୁ ବିଷ୍ଣୁ ଗୋସ୍ୱାମୀ ମହାରାଜଙ୍କ ପରିଦର୍ଶନ

ବ୍ରହ୍ମପୁର,୨୧।୧୨(ସ୍ମୃତି ରଞ୍ଜନ ମହାଲିକ)- ସୁକୁଣ୍ଡା ଶ୍ରୀ ଜଗନ୍ନାଥ ମନ୍ଦିର ପୁନରୁଦ୍ଧାର ଚାଲିଛି। ଏହି ଅବସରରେ ପୁରୀ ଚୈତନ୍ୟ ମିଶନର ମୁଖ୍ୟ ଆଚାର୍ଯ୍ୟ ଗୋସ୍ୱାମୀ ମହାରାଜ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର କମିଟି ପକ୍ଷରୁ ଗୋ ସ୍ୱାମୀଙ୍କୁ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦିଆଯାଇଥିଲା। କମିଟି ସଭାପତି ତ୍ରିନାଥ ମହାରଣା ଅଘୋରୀ ମଠ ଓ ଶ୍ରୀ ଜଗନ୍ନାଥ ସଂପର୍କରେ ସ୍ୱାମୀଜୀଙ୍କୁ ବୁଝାଇବା ସହ ତା'ର ପ୍ରାଚୀନ ଇତିହାସ ସଂପର୍କରେ କହିଥିଲେ। ଏହି ସ୍ଥାନ ପୂର୍ବରୁ ମହୁରୀ ରାଜାଙ୍କ ଗ୍ରୀଷ୍ମ ନିବାସ, ମହୁରୀ ରାଜା ସୁକୁଣ୍ଡା ଓ ଲାଠି ଗ୍ରାମରେ ଅଷ୍ଟଶମ୍ଭୁ ପ୍ରତିଷ୍ଠା କରିଥିଲେ। ଅରୁଣ କୁମାର ସାମଲ, ଗୌରୀ ଶଙ୍କର ପଟ୍ଟନାୟକ, ଅଭିମନ୍ୟୁ ରାଉଳ, ଜିତେନ୍ଦ୍ର ମହାରଣା ଓ ତ୍ରିନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଗୋଷ୍ଠୀ ମୁହାଁମୁହିଁ, ପୁଣି ଅଶାନ୍ତ ଏମ୍‌କେସିଜି କ୍ୟାମ୍ପସ

ବ୍ରହ୍ମପୁର, ୨୧।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ କ୍ୟାମ୍ପସ ପୁଣିଥରେ ଅଶାନ୍ତ ହୋଇଛି। ମେଡିକାଲ କଲେଜ କେତେବେଳେ ରାଗିଂ ତ ଆଉ କେତେବେଳେ ଡାକ୍ତର-ରୋଗୀ ହାତାହାତି ଘଟଣାକୁ ନେଇ ସବୁବେଳେ ଚର୍ଚ୍ଚାରେ ରହି ଆସିଛି। ଶୁକ୍ରବାର ରାତିରେ ପିଜି ହଷ୍ଟେଲ କ୍ୟାଣ୍ଟିନରେ ୨ ଗୋଷ୍ଠୀ ମଧ୍ୟରେ କେଣସି କଥାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଏପରିକି ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗ ଅନୁସାରେ ବୈଦ୍ୟନାଥପୁର ଥାନା ପୋଲିସ ଦୁଇ ଗୋଷ୍ଠୀ ଛାତ୍ରଙ୍କୁ ଥାନାକୁ ଡାକି ତାଗିଦ କରି ଛାଡିଥିବା ସୂଚନା ମିଳିଛି। ଶୁକ୍ରବାର ମଧ୍ୟ ରାତିରେ ପିଜି ହଷ୍ଟେଲ କ୍ୟାଣ୍ଟିନରେ ଗୋଟିଏ ଗୋଷ୍ଠୀ ଛାତ୍ର ବସିଥିଲେ। ଏହି ସମୟରେ ସେଠାକୁ କେତେଜଣ ଏସଆର(ସିନିୟର ରେସିଡେଣ୍ଟ) ଯାଇଥିଲେ। କୌଣସି କାରଣକୁ ନେଇ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ କମେଣ୍ଟ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଧୀରେ ଧୀରେ ପରିସ୍ଥିତି ଅଣାୟତ୍ତ ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଖବର ପାଇ ହଷ୍ଟେଲ ୱାର୍ଡେନ ଓ ଅନ୍ୟ ଛାତ୍ରମାନେ ସେଠାରେ ପହଞ୍ଚି ମାମଲା ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଖବର ପାଇ ପୋଲିସ ମଧ୍ୟ ସେଠାରେ ପହଞ୍ଚି ମାମଲା ସମାଧାନ କରିଥିଲା। କିନ୍ତୁ ଗୋଟିଏ ଗୋଷ୍ଠୀ ଥାନାରେ ଏତଲା ଦେଇଥିଲେ। ଏହାପରେ ଅନ୍ୟ ଗୋଷ୍ଠୀ ମଧ୍ୟ ପାଲଟା ଅଭିଯୋଗ କରିଛନ୍ତି। ଏଣୁ ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି। ଘଟଣା ସମୟରେ କ୍ୟାଣ୍ଟିନରେ ଥିବା କର୍ମଚାରୀ ଓ ଅନ୍ୟ ଛାତ୍ରଙ୍କୁ ପଚରାଉଚରା କରିଛି। ସେହିପରି ସେଠାରେ ଲାଗିଥିବା ସିସି ଟିଭି ଫୁଟେଜ ମଧ୍ୟ ଯାଞ୍ଚ କରୁଥିବା ଜଣାପଡିଛି। ଅନ୍ୟପଟେ ପୂର୍ବରୁ କୌଣସି ଏକ ଘଟଣାକୁ ନେଇ ହୋଇଥିବା ଶତ୍ରୁତା କାରଣରୁ ଏଭଳି ଗଣ୍ଡଗୋଳ ହୋଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି।

### ବଡ଼ ଘାଟିରେ ଓଲଟିଲା ଟ୍ରକ୍ ଡ୍ରାଇଭର, ହେଲ୍‌ପର ଆହତ

ଖଲ୍ଲିକୋଟ,୨୧।୧୨(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବଡ଼ ଘାଟିରେ ଏକ ପେପର ବୋଝେଇ ଟ୍ରକ ଶନିବାର ସନ୍ଧ୍ୟାରେ ଓଲଟି ପଡ଼ିଥିବା ବେଳେ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପେପର ବୋଝେଇ ଟ୍ରକଟି ଆନ୍ଧ୍ରପ୍ରଦେଶରୁ କଟକ ଅଭିମୁଖେ ଆସୁଥିବା ବେଳେ ବଡ଼ ଘାଟି ଉପରେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡିଥିଲା। ଖବର ପାଇ ଖଲ୍ଲିକୋଟ ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପେପର ଗୁଡିକ ରାସ୍ତାରେ ବିଛାଡି ହୋଇପଡିଛି।

